# କେରଳ ରାଜ୍ୟ ଏବଂ ଅନ୍ୟମାନେ
ବନାମ
ଏମ୍. ଭାସ୍କରନ୍ ପିଲାଇ ଏବଂ ଅନ୍ୟଜଣେ
ମେ 5 , 1997
[କେ. ରାମାସ୍ୱାମୀ ଏବଂ ଡି.ପି.ୱାଧ୍ୱା, ନ୍ୟାୟମୂର୍ତ୍ତିଦ୍ୱୟ]

କେରଳ ଭୂମି ହସ୍ତାନ୍ତରୀକରଣ ଅଧିନିୟମ, 1960 :

ଭୂମି ଅଧିଗ୍ରହଣ ଅଧିନିୟମ ଅଧୀନରେ 1952ରେ ଅଧିଗ୍ରହଣ ହୋଇଥିବା ଜମି – ଅବ୍ୟବହୃତ ହୋଇ ରହିଥିବା ବଳକ ଜମି - ଅଧିଗୃହୀତ ଜମି ପାଇଁ କ୍ଷତିପୂରଣ ପ୍ରଦାନ କରାଯାଇଥିବା ହାରରେ ସରକାର 1979 ମସିହାରେ ପୂର୍ବ ଜମି-ମାଲିକଙ୍କୁ ଜମି ବିକ୍ରୟ କରିବା- ରିଟ୍ ଆବେଦନରେ ବିକ୍ରୟ ଉପରେ ନିଷେଧ ଲଗାହେଲା- ସରକାରଙ୍କ ଏକ କାର୍ଯ୍ୟନିର୍ବାହୀ ଆଦେଶ ଭାବରେ କାର୍ଯ୍ୟାନୁଷ୍ଠାନ ପ୍ରତିରକ୍ଷା ନିଆଯାଇଛି – ଅଧିନିୟମର ଆଧାରରେ କାର୍ଯ୍ୟନିର୍ବାହୀ ଆଦେଶକୁ ଅବୈଧ ଘୋଷଣା କରୁଥିବା ଉଚ୍ଚ ନ୍ୟାୟାଳୟ- ନିର୍ଣ୍ଣୟ କରାଗଲା ଉଚ୍ଚ ନ୍ୟାୟାଳୟଙ୍କର ଜାରି ଆଦେଶ ଯଥାର୍ଥ ଅଟେ- ଭୂମି ଅଧିଗ୍ରହଣ ଅଧିନିୟମ, 1894ର ଧାରା-16 ଦ୍ୱାରା ରାଜ୍ୟରେ ଜମି ଅଧିଗ୍ରହଣ ନ୍ୟସ୍ତ କରାଯାଇଛି- ଯଦି ଅନ୍ୟ କୌଣସି ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଜମି ଆବଶ୍ୟକ ନଥାଏ, ତାହାକୁ ସାର୍ବଜନୀନ ନିଲାମରେ ରଖାଯିବା ଉଚିତ ଏବଂ ଏଥିରୁ ମିଳୁଥିବା ପରିମାଣକୁ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରାଯାଇପାରିବ । ଭୂମି ଅଧିଗ୍ରହଣ ଅଧିନିୟମ, 1894 – ଧାରା-16 ।

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା- 3628/1997 ।

ଡବ୍ଲ୍ୟୁ.ଏ.ସଂଖ୍ୟା-86/1990 ରେ କେରଳ ଉଚ୍ଚ ନ୍ୟାୟାଳୟଙ୍କର ତା24.7.91ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ଜି.ପ୍ରକାଶ ।

ଉତ୍ତରଦାତା ସଂଖ୍ୟା-2 ଙ୍କ ପାଇଁ ୱର୍ଘେସେ କଲ୍ଲିଆଥ, ରୋମି ଚାକୋ ଏବଂ ଏମ୍.କେ.ମାଇକେଲ୍ ।

ଉତ୍ତରଦାତା ସଂଖ୍ୟା-1 ଙ୍କ ପାଇଁ ବେବି କୃଷ୍ଣନଙ୍କ ପାଇଁ ରଏ ଅବ୍ରାହାମ୍ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ଦିଆଗଲା ।

ବିଶେଷ ଅନୁମତି ଦ୍ୱାରା ଏହି ଅପିଲ କେରଳ ଉଚ୍ଚ ନ୍ୟାୟାଳୟଙ୍କର ଖଣ୍ଡ-ପୀଠର ରାୟରୁ ଆସିଛି, ଯାହା 24 ଜୁଲାଇ, 1991 ରେ ରିଟ୍ ଅପିଲ ସଂଖ୍ୟା- 86/1990 ରେ ଦିଆଯାଇଥିଲା ।

ସ୍ୱିକୃତି ସ୍ଥିତି ହେଉଛି ଯେ, ଜାତୀୟ ରାଜପଥ ନିର୍ମାଣ ପାଇଁ 1952ରେ 1.94 ଏକର ଜମି ଅଧିଗ୍ରହଣ କରାଯାଇଥିଲା । ନିର୍ମାଣକାର୍ଯ୍ୟ 1955ରେ ସମାପ୍ତ ହୋଇଥିଲା । 1.94 ଏକର ପରିସରରୁ, 80 ସେଣ୍ଟ ଜମି ବ୍ୟବହୃତ ହୋଇଥିଲା ଏବଂ ବାକି ଜମି ଅବ୍ୟବହୃତ ହୋଇ ରହିଥିଲା । ଯେତେବେଳେ ଉତ୍ତରଦାତା ସଂଖ୍ୟା- 1 ଡିସେମ୍ବର 21, 1979 ତାରିଖର କାର୍ଯ୍ୟପଛା ଅନୁଯାୟୀ ସମ୍ପତ୍ତି ବିକ୍ରୟ ପାଇଁ ଆବେଦନ କରିଥିଲେ, ସେତେବେଳେ ଧାରା-11 ଅଧୀନରେ କ୍ଷତିପୂରଣ ପ୍ରଦାନ କରାଯାଇଥିବା ହାରରେ ସମ୍ପତ୍ତିକୁ ତାଙ୍କୁ ବିକ୍ରୟ କରିବାକୁ ଅନୁରୋଧ କରାଯାଇଥିଲା; ଯାହାକୁ ରିଟ୍ ଆବେଦନଗୁଡ଼ିକ ମାଧ୍ୟମରେ ନିଷେଧ କରାଯାଇଥିଲା ।

କାର୍ଯ୍ୟାନୁଷ୍ଠାନକୁ ବଜାୟ ରଖିବା ପାଇଁ ସରକାରଙ୍କ ମୁଖ୍ୟ-ଆଧାର ହେଉଛି ଜମିର ହସ୍ତାନ୍ତରଣ ପାଇଁ ଅନୁମତି ପାଇଁ ସରକାରଙ୍କ ଦ୍ଵାରା ଜାରି କରାଯାଇଥିବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ । କେରଳ ଭୂମି ଆବଣ୍ଟନ ଅଧିନିୟମ, 1960 (1960 ର ଅଧିନିୟମ 30) (ସଂକ୍ଷେପରେ, 'ଅଧିନିୟମ') ଅନୁଯାୟୀ ଉଚ୍ଚ ନ୍ୟାୟାଳୟ ଏହି କାର୍ଯ୍ୟନିର୍ବାହୀ କାର୍ଯ୍ୟାନୁଷ୍ଠାନକୁ ଅବୈଧ ବୋଲି ଘୋଷଣା କରିଛନ୍ତି । ଉଚ୍ଚ ନ୍ୟାୟାଳୟ ଦର୍ଶାଇଛନ୍ତି ଯେ, ଏହି ଦାୟିତ୍ୱ, ଅଧିନିୟମର ବିରୁଦ୍ଧାଚରଣ କରୁଛି । ତେଣୁ, ବିଶେଷ ଅନୁମତି ଦ୍ଵାରା ଏହି ଅପିଲ ଅଟେ ।

ଭୂମି ଅଧିଗ୍ରହଣ ଅଧିନିୟମର ଧାରା-16 ଅଧୀନରେ ଭୂମି ଅଧିଗ୍ରହଣ ଅଧିନିୟମ, 1894 ଅନୁଯାୟୀ ଅଧିଗ୍ରହଣ କରାଯାଇଥିବା ସ୍ୱୀକାର କରାଯାଇଥିବା ସ୍ଥିତିକୁ ଦୃଷ୍ଟିରେ ରଖି, ଏହା ସମସ୍ତ ଭାରରୁ ମୁକ୍ତ ହୋଇ ରାଜ୍ୟ ଅଧୀନରେ ନ୍ୟସ୍ତ ହୋଇଥିଲା । ପ୍ରଶ୍ନ ଉଠେ: ସରକାର ପୂର୍ବ ମାଲିକମାନଙ୍କୁ ଜମି ଦେଇପାରିବେ କି? ଏହା ଏକ ସ୍ଥିରୀକୃତ ଆଇନ ଯେ, ଯଦି ଜମିଟି ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯାଏ, ସାର୍ବଜନୀନ ଉଦ୍ଦେଶ୍ୟ ହାସଲ ହେବା ପରେ, ବାକି ଜମିକୁ ଅନ୍ୟ କୌଣସି ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରାଯାଇପାରିବ । ଯଦି ଅନ୍ୟ କୌଣସି ସାର୍ବଜନୀନ ଉଦ୍ଦେଶ୍ୟ ନାହିଁ ଯାହା ପାଇଁ ଜମି ଆବଶ୍ୟକ, ତେବେ ପୂର୍ବ ମାଲିକଙ୍କୁ ବିକ୍ରୟ ମାଧ୍ୟମରେ ବିନିଯୋଗ କରିବା ପରିବର୍ତ୍ତେ, ଜମିକୁ ସାର୍ବଜନୀନ ନିଲାମରେ ରଖାଯିବା ଉଚିତ ଏବଂ ସାର୍ବଜନୀନ ନିଲାମରେ ପ୍ରାପ୍ତ ପରିମାଣକୁ ସମ୍ବିଧାନର ନିର୍ଦ୍ଦେଶାତ୍ମକ ନୀତିରେ କଳ୍ପନା କରାଯାଇଥିବା ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଭଲ ଭାବରେ ବ୍ୟବହାର କରାଯାଇପାରିବ । ବର୍ତ୍ତମାନର ପରିସ୍ଥିତିରେ, ଆମେ ଯାହା ପାଉଛୁ ତାହା ହେଉଛି ଯେ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଆଇନର ବ୍ୟବସ୍ଥା ସହିତ ସମନ୍ୱୟରେ ନାହିଁ ଏବଂ ତେଣୁ, ଏହା ଅବୈଧ । ଏହି ପରିସ୍ଥିତିରେ, ଖଣ୍ଡ ପୀଠ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକୁ ଅବୈଧ ଘୋଷଣା କରିବାରେ ଯଥେଷ୍ଟ ଯୁକ୍ତିଯୁକ୍ତ ଅଟେ । ଯେକୌଣସି କାର୍ଯ୍ୟାଦେଶ ଦିଆଯାଇଥାଉ, ତାହା ସାଧାରଣ ଉଦ୍ଦେଶ୍ୟରେ ହେବା ଉଚିତ। ନଚେତ, ସରକାରଙ୍କ ଜମି କେବଳ ସାଧାରଣ ନିଲାମ ମାଧ୍ୟମରେ ବିକ୍ରୟ କରାଯିବା ଉଚିତ ଯାହା ଦ୍ଵାରା ଜନସାଧାରଣ ମଧ୍ୟ ଅଧିକ ମୂଲ୍ୟ ପାଇ ଲାଭବାନ ହେବେ ।

ଏହି ଅନୁସାରେ, ଅପିଲକୁ ଖାରଜ କରାଗଲା । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି. ଅପିଲକୁ ଖାରଜ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :**

**ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**